# NATIONAL NEWS BULLETIN (ODIA)

## 20 September - 2024

### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ରାଞ୍ଚିର ନାମକୁମଠାରେ ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ତୃତୀୟ ପାଳିର ପ୍ରଥମ ୧୦୦ ଦିନରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେଇଛନ୍ତି ସରକାର ।
- ୟୁକ୍ରେନ୍‌କୁ ପ୍ରତିରକ୍ଷା ରପ୍ତାନି ସ୍ଥାନାନ୍ତର ସମ୍ପର୍କିତ ରିପୋର୍ଟ୍‌କୁ ଖଣ୍ଡନ କଲେ ଭାରତ ସରକାର ।
- ଆଜିଠାରୁ ଜରୁରୀକାଳୀନ କାର୍ଯ୍ୟରେ ଯୋଗଦେବେ ପଶ୍ଚିମବଙ୍ଗର ଆନ୍ଦୋଳନରତ କନିଷ୍ଠ ଡାକ୍ତର ।

ଏବଂ

- ପ୍ରଥମ ଟେଷ୍ଟର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ବିପକ୍ଷରେ ୬ ଓ୍ୱିକେଟ୍ ହରାଇ ୩୩୯ ରନ୍ କରିଛି ଭାରତ ।

# ରାଷ୍ଟ୍ରପତି-ରାଞ୍ଚି

ରାଞ୍ଚିର ନାମକୁମଠାରେ ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନ(ନିସା)ର ଶତବାର୍ଷିକୀ ସମାରୋହରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବେ। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ସଞ୍ଜୟ ସେଠ୍ ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଯୋଗଦେବେ।

ରାଷ୍ଟ୍ରପତି ଅନୁଷ୍ଠାନର ବର୍ତ୍ତମାନର ଏବଂ ପୂର୍ବତନ ବୈଜ୍ଞାନିକମାନଙ୍କ ସହ ଗବେଷଣା ଓ ଉଦ୍ଭାବନ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅନୁଷ୍ଠାନ ପୂର୍ବରୁ ଇଣ୍ଡିଆନ୍ ଲାକ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ନାମରେ ପରିଚିତ ଥିଲା। ସମ୍ପୃକ୍ତ ପ୍ରତିଷ୍ଠାନ ଇନୋଭେସନ୍ କ୍ଷେତ୍ରରେ ୧୦୦ କୋଟି ଟଙ୍କାର ଅତିରିକ୍ତ ଆୟ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ବୈଜ୍ଞାନିକ ଏବଂ ୧୦ ହଜାରରୁ ଅଧିକ କୃଷକ ଆଭାସି ମାଧ୍ୟମରେ ଯୋଗଦେବେ ବୋଲି ଆଶା କରାଯାଉଛି। ଏହି ଅନୁଷ୍ଠାନ ଗତ ଏକ ଶତାବ୍ଦୀରେ ଲକ୍ଷ ଲକ୍ଷ କୃଷକଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଚାଷ ଏବଂ ପ୍ରକ୍ରିୟାକରଣରେ ସହାୟତା କରିଛି । ମୁଖ୍ୟତଃ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗର ପଛୁଆ ଜିଲ୍ଲାରେ ରହୁଥିବା ଆଦିବାସୀ ଏବଂ ଗରିବ କୃଷକମାନେ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନ **ICAR** ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ

ମୁର୍ମୁ ଏକ ସ୍ୱତନ୍ତ୍ର ଡାକ କଭର ଓ ଡାକ ଟିକଟ ଉନ୍ମୋଚନ କରିବେ। ଅନୁଷ୍ଠାନ ପରିସରରେ 'ଏକ ପେଡ଼ ମା କେ ନାମ' ଅଭିଯାନର ଏକ ଅଂଶ ଭାବରେ ରାଷ୍ଟ୍ରପତି ବୃକ୍ଷରୋପଣ କରିବାର କାର୍ଯ୍ୟକ୍ରମ ରହିଛି ।

## ମୋଦୀ ୩.୦–୧୦୦ ଦିନ

ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପରେ ମୋଦି ସରକାର ପ୍ରଥମ ୧୦୦ ଦିନ ପୂରଣ କରିଛନ୍ତି । ଏହି ସମୟ ମଧ୍ୟରେ ସରକାର ଭିତ୍ତିଭୂମି, କୃଷକ, ମଧ୍ୟବିତ୍ତ, ମହିଳା ଓ ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇ ୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି। ଦେଶରେ ସୁଦୃଢ଼ ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି।

ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ମୋଦି ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି । ତୃତୀୟ ପାଳିରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଆୟ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବାକୁ ସରକାର ଅନୁମୋଦନ କରିଛନ୍ତି। ଏହି ଯୋଜନାର ସମୁଦାୟ ବ୍ୟୟ ଅଟକଳ ୩ ହଜାର ୪୩୭ କୋଟି ଟଙ୍କା ଏବଂ ଏଥିରେ ୬ କୋଟି ବରିଷ୍ଠ

ନାଗରିକ ସାମିଲ ହେବେ । ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ୭୫ ହଜାର ନୂଆ ମେଡିକାଲ ଆସନ ମଧ୍ୟ ଏହି ସମୟ ମଧ୍ୟରେ ସୃଷ୍ଟି କରାଯାଇଛି। ଦେଶରେ ୨୭ ଲକ୍ଷ କର୍କଟ ରୋଗୀଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଲକ୍ଷ୍ୟରେ ସରକାର ୩ଟି କ୍ୟାନସର ଔଷଧ ଉପରେ ସୀମା ଶୁଳ୍କ ଛାଡ଼ କରିଛନ୍ତି। ଦେଶର ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଉଦ୍ଭାବନ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶିକ୍ଷା କ୍ଷେତ୍ରରେ ୧୦ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ବିଜ୍ଞାନଧାରା ଯୋଜନା ଆରମ୍ଭ କରିଛନ୍ତି। ଗବେଷଣା ପାଇଁ କେନ୍ଦ୍ର ସରକାର ୫୦ ହଜାର କୋଟି ଟଙ୍କାର ଜାତୀୟ ଗବେଷଣା ପାଣ୍ଠି ମଧ୍ୟ କାର୍ଯ୍ୟକାରୀ କରିଛନ୍ତି।

## ପ୍ରଧାନମନ୍ତ୍ରୀ-ୟୁଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶ୍ୱସ୍ତରୀୟ ମାନ୍ୟତାକୁ ପ୍ରଶଂସା କରି ଜାତିସଂଘ ମହାସଚିବ ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି ଯେ କୂଟନୀତିରେ ତାଙ୍କର ଏବଂ ଭାରତର ସ୍ୱର ଅତ୍ୟନ୍ତ ଜୋରଦାର ଏବଂ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗାମୀ ଆମେରିକା ଗସ୍ତକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିବା ସହ କହିଛନ୍ତି, ଭାରତ ବିଶ୍ୱସ୍ତରରେ ଗ୍ଲୋବାଲ ସାଉଥ୍ ପାଇଁ ଏକ ଶକ୍ତିଶାଳୀ ସ୍ୱର ପାଲଟିଛି । ଆସନ୍ତାକାଲିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯିବେ ଏବଂ ଏହି ସମୟରେ ସେ କ୍ୱାଡ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ

ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ 'ଭବିଷ୍ୟତର ଶିଖର ସମ୍ମିଳନୀ'କୁ ସମ୍ବୋଧିତ କରିବେ । ଆସନ୍ତାକାଲି ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱାରା ଆୟୋଜନ କରାଯାଉଥିବା ଚତୁର୍ଥ କ୍ୱାଡ୍ ନେତୃତ୍ୱ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ ।

## ଏମ୍ଇଏ-ରଏଟର୍ସ୍ ରିପୋର୍ଟ୍

ୟୁକ୍ରେନକୁ ଭାରତୀୟ ପ୍ରତିରକ୍ଷା ରପ୍ତାନି ସ୍ଥାନାନ୍ତର କରାଯିବା ନେଇ ରଏଟର୍ସ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଛି । ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ମନ୍ତ୍ରଣାଳୟ ଏହି ରିପୋର୍ଟକୁ ତର୍ଜମା କରିବା ପରେ ଏହାକୁ କଳ୍ପନାତ୍ମକ ଏବଂ ବିଭ୍ରାନ୍ତିକର ବୋଲି ବିବେଚନା କରୁଛି ।

ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ସାମରିକ ଏବଂ ବ୍ୟବହୃତ ସାମଗ୍ରୀର ରପ୍ତାନି ସମ୍ପର୍କରେ ଅନ୍ତର୍ଜାତୀୟ ଦାୟିତ୍ୱ ପାଳନ କରିବାରେ ଭାରତର ଅତୁଳନୀୟ ଟ୍ରାକ୍ ରେକର୍ଡ ରହିଛି ।

# ଡବ୍ଲ୍ୟୁବି-କନିଷ୍ଠ ଡକ୍ଟର ଆନ୍ଦୋଳନ

ପଶ୍ଚିମବଙ୍ଗର ସମସ୍ତ ମେଡିକାଲ କଲେଜର କନିଷ୍ଠ ଡାକ୍ତରମାନେ ଆଜିଠାରୁ ଜରୁରୀକାଳୀନ କାର୍ଯ୍ୟରେ ଯୋଗ ଦେବେ। ଗତକାଲି ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିଲା। ଅଗଷ୍ଟ ୯ ତାରିଖରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ପରେ ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣେ କର୍ତ୍ତବ୍ୟରତ ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ  ନ୍ୟାୟ ଦେବା ଦାବିରେ କନିଷ୍ଠ ଡାକ୍ତରମାନେ ଆନ୍ଦୋଳନ କରୁଥିଲେ । ଏହି ଜଘନ୍ୟ ଅପରାଧର ଦୋଷୀଙ୍କୁ ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡାକ୍ତରମାନେ ସ୍ପଷ୍ଟ କରିଛନ୍ତି। ଅଦାଲତରେ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ ବୋଲି ସେମାନେ କହିଛନ୍ତି।

# ଜେକେ ନିର୍ବାଚନ

ଜମ୍ମୁ-କଶ୍ମୀରର ୭ଟି ଜିଲ୍ଲାର ୨୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସେପ୍ଟେମ୍ବର ୧୮ ତାରିଖରେ ୬୧ ପ୍ରତିଶତ ମତଦାନ ସହ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜମ୍ମୁ-କଶ୍ମୀରରେ ଲୋକପ୍ରିୟ ସରକାର ଚୟନ ପାଇଁ ୧୦ ବର୍ଷର ବ୍ୟବଧାନ ପରେ ବହୁ ପ୍ରତୀକ୍ଷିତ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଚାଲିଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଥିବା ବେଳେ ଚଳିତ ମାସ ୨୫ ତାରିଖରେ ଜମ୍ମୁ ଡିଭିଜନର ୩ଟି ଜିଲ୍ଲାର ୧୧ଟି ବିଧାନସଭା ଆସନ ସମେତ ୨୬ଟି ବିଧାନସଭା ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ୨୩୯ ଜଣ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।

## ରୁଷ-ଡ୍ରୋନ୍ ଉତ୍ପାଦନ

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି ଯେ ୨୦୨୪ରେ ରୁଷ୍ ତା'ର ଡ୍ରୋନ୍ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୦ ଗୁଣ ବୃଦ୍ଧି କରିବାକୁ ଯୋଜନା ରଖିଛି। ସ୍ପେଶାଲ ପର୍ପସ୍ ୟୁଏଭି ଉପରେ ମିଲିଟାରୀ-ଇଣ୍ଡଷ୍ଟ୍ରିଆଲ କମିଶନର ବୈଠକରେ ପୁଟିନ କହିଛନ୍ତି ଯେ ୨୦୨୩ରେ ସଶସ୍ତ୍ର ବାହିନୀକୁ ବିଭିନ୍ନ ପ୍ରକାରର ପ୍ରାୟ ୧ଲକ୍ଷ ୪୦ ହଜାର ଡ୍ରୋନ୍ ପ୍ରଦାନ କରାଯାଇଛି। ରୁଷରାଷ୍ଟ୍ରପତିଙ୍କ କହିବା ଅନୁଯାୟୀ, ୨୦୩୦ ସୁଦ୍ଧା ସାରା ଦେଶରେ ଡ୍ରୋନ୍ ଡିଜାଇନ୍, ପରୀକ୍ଷଣ ଏବଂ କ୍ରମାଗତ ଉତ୍ପାଦନ ପାଇଁ ୪୮ଟି ଗବେଷଣା ଓ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯିବ।

# ଇସ୍ରାଏଲ୍-ହିଜବୁଲ୍ଲା

ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ସଂଘର୍ଷ ତୀବ୍ର ରୂପ ଧାରଣ କରିଛି ଏବଂ ଉଭୟ ପକ୍ଷ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଗତକାଲି ଏକ ଟେଲିଭିଜନ୍ ଉଦ୍‌ବୋଧନରେ ହିଜବୁଲ୍ଲା ନେତା ହସନ ନସରଲ୍ଲା ସମଗ୍ର ଲେବାନନରେ ଯୋଗାଯୋଗ ଉପକରଣକୁ ଟାର୍ଗେଟ କରି ହୋଇଥିବା ବିସ୍ଫୋରଣକୁ ନିନ୍ଦା କରିବା ସହ ଇସ୍ରାଏଲକୁ ଦାୟୀ କରିଛନ୍ତି । ସେ କହିଛନ୍ତି, ହିଜବୁଲ୍ଲା ଅଧିକ ଶକ୍ତିଶାଳୀ ହେବ ଏବଂ ଯେକୌଣସି ବିପଦର ମୁକାବିଲା କରିବାକୁ ଅଧିକ ସକ୍ଷମ ହେବ । ତେବେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ କେବେ ଏବଂ କେଉଁଠାରେ ହେବ ତାହା ସେ ସ୍ପଷ୍ଟ କରିନାହାଁନ୍ତି । ନସରଲ୍ଲାଙ୍କ ଭାଷଣ ପରେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଣ୍ଟ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି, ଲେବାନନରେ ଇସ୍ରାଏଲର ସାମରିକ ଅଭିଯାନ ଜାରି ରହିବ ।

ଲେବାନାନର ସ୍ୱାସ୍ଥ୍ୟମନ୍ତ୍ରୀ ଫିରାସ ଆବିୟାଦଙ୍କ କହିବା ନୁଯାୟୀ, ମଙ୍ଗଳବାର ଏବଂ ଗତକାଲି ପେଜର ଓ ହ୍ୟାଣ୍ଡହେଲ୍ଡ ରେଡିଓ ବିସ୍ଫୋରଣରେ ୩୭ ଜଣଙ୍କ ମୃତ୍ୟୁ ହେବା ସହ ୨ହଜାର ୯୩୧ ଜଣ ଆହତ ହୋଇଛନ୍ତି ।

# ଯୁଦ୍ଧ ଅଭ୍ୟାସ ୨୦୨୪

ଯୁଦ୍ଧ ଅଭ୍ୟାସ ୨୦୨୪ର ପ୍ରତ୍ୟେକ ପର୍ଯ୍ୟାୟରେ ଉଭୟ ଭାରତ ଏବଂ ଆମେରିକାର ମହିଳା ସୈନିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି । ଗତକାଲି ପ୍ରତିରକ୍ଷା ମୁଖପାତ୍ର କହିଥିଲେ ଯେ ରାଜସ୍ଥାନର ଦୁର୍ଗମ ଅଞ୍ଚଳରେ ୧୨୦୦ରୁ ଅଧିକ ଭାରତୀୟ ଓ ଆମେରିକୀୟ ସୈନିକ ଏବେ ବିଭିନ୍ନ ପ୍ରକାର ଯୁଦ୍ଧାଭ୍ୟାସ କରୁଛନ୍ତି । ମିଳିତ ସାମରିକ ଅଭ୍ୟାସ 'ଯୁଦ୍ଧ ଅଭ୍ୟାସ-୨୦୨୪'ର ୨୦ତମ ସଂସ୍କରଣରେ ଉଭୟ ଦେଶର ସେନା ମଧ୍ୟରେ ସମନ୍ୱୟ ବଢ଼ାଇବା ପାଇଁ ଭାରତ ଓ ଆମେରିକୀୟ ସେନା ମିଳିତ ଅଭ୍ୟାସ କରୁଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୯ ତାରିଖରୁ ରାଜସ୍ଥାନର ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜ୍‌ରେ ଚାଲିଥିବା ଅଭ୍ୟାସ ଆସନ୍ତା ରବିବାର ଶେଷ ହେବ ।

# କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଗତକାଲି ବାଂଲାଦେଶ ବିପକ୍ଷରେ ଭାରତ ତା'ର ପ୍ରଥମ ଇନିଂସରେ ୬ ୱିକେଟ୍ ହରାଇ ୩୩୯ରନ୍ କରିଛି। ଗତକାଲି ଷ୍ଟମ୍ପ

ଡ୍ର ହେବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ୧୦୨ ରନ୍ ଓ ରବିନ୍ଦ୍ର ଜାଡ଼େଜା ୮୬ ରନ୍ କରି ଅପରାଜିତ ରହିଛନ୍ତି ।

ବାଂଲାଦେଶ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଫଳରେ ୧୪୪ରନ୍‌ରେ ୬ ୱିକେଟ୍ ହରାଇ ଥିଲେ ମଧ୍ୟ  ଅଶ୍ୱିନ ଓ ଜାଡେଜା ଚମତ୍କାର ଭାଗିଦାରୀ ବଳରେ ଭାରତକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ । ବାଂଲାଦେଶ ପକ୍ଷରୁ ହସନ ମହମୁଦ ୪ଟି ୱିକେଟ୍ ନେଇଥିଲେ ।

## ବ୍ୟାଡ୍‌ମିଣ୍ଟନ୍

ଚାଙ୍ଗଜୋଠାରେ ଚାଲିଥିବା ଚାଇନା ଓପନ୍ ୨୦୨୪ **BWF** ସୁପର ୧୦ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପର୍ଯ୍ୟାୟର କ୍ୱାର୍ଟର ଫାଇନାଲରେ ଆଜି ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ମାଳଭିକା ବଂଶୋଦ ଜାପାନର ଆକାନେ ୟାମାଗୁଚିଙ୍କ ସହ ମୁକାବିଲା କରିବେ । ୨୩ ବର୍ଷୀୟ ମାଳବିକା ଗତକାଲି ରାଉଣ୍ଡ ଅଫ୍ ୧୬ରେ ଚମତ୍କାର ପ୍ରଦର୍ଶନ କରି ସ୍କଟଲ୍ୟାଣ୍ଡର କ୍ରିଷ୍ଟି ଗିଲମୋରଙ୍କୁ ପରାସ୍ତ କରିଥିଲେ ।

# ଚେସ୍ ଅଲିମ୍ପିଆଡ୍

୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଓପନ୍ ସେକ୍ସନ୍ ଦଳ ଅଷ୍ଟମ ରାଉଣ୍ଡରେ ଇରାନ୍‌କୁ ୩ ଦଶମିକ୍ ୫ରୁ ୦ଦଶମିକ୍ ୫ ର ବିଶାଳ ସ୍କୋରରେ ପରାସ୍ତ କରିଛି । ତେବେ ପୋଲାଣ୍ଡଠାରୁ ୧ଦଶମିକ୍ ୫ରୁ ୨ଦଶମିକ୍ ୫ ବ୍ୟବଧାନରେ ପରାସ୍ତ ହୋଇ ଭାରତୀୟ ମହିଳା ଦଳ ପ୍ରଥମ ପରାଜୟର ସମ୍ମୁଖୀନ ହୋଇଥିଲା ।